NATIONAL NEWS BULLETIN (ODIA)

25 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ବୈଜ୍ଞାନିକ ଗବେଷଣା, ପ୍ରମାଣ ଆଧାରିତ ମୂଲ୍ୟାଙ୍କନ ଓ ରୋଗୀ ସୁରକ୍ଷା ସଶକ୍ତ ହେଲେ ହୋମିଓପାଥିର ବିଶ୍ୱସନୀୟତା ବୃଦ୍ଧି ପାଇବ, କହିଲେ ରାଷ୍ଟ୍ରପତି
- ମହିଳାଙ୍କ ଆର୍ଥିକ ସ୍ୱାଧୀନତା, ନେତୃତ୍ୱ ଓ ରାଷ୍ଟ୍ରନିର୍ମାଣରେ ସକ୍ରିୟ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା ଉପରେ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି
- ଭାରତ ମହାସାଗର ଉପକୂଳବର୍ତ୍ତୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଭାଗୀ ସାମୁଦ୍ରିକ ଓ ସଭ୍ୟତାଗତ ସଂପର୍କ ବୃଦ୍ଧି ନେଇ ଗୁରୁତ୍ୱ ଦେଲେ ଜାତୀୟ ସୁରକ୍ଷା ପରାମର୍ଶଦାତା
- ୩୭ଟି ଔଷଧ ନମୁନାକୁ ନିମ୍ନମାନର ବୋଲି ଚିହ୍ନଟ କରିଛି କେନ୍ଦ୍ରୀୟ ଔଷଧ ପରୀକ୍ଷାଗାର

ଏବଂ

- ନେପାଳର ସଲଝଣ୍ଡିସ୍ଥିତ ଆର୍ମି ବ୍ୟାଟେଲ ସ୍କୁଲ୍‌ରେ ଆରମ୍ଭ ହୋଇଛି ଭାରତ ଓ ନେପାଳ ସେନାର ମିଳିତ ସମରାଭ୍ୟାସ ‘ସୂର୍ଯ୍ୟକିରଣ’

ହୋମିଓପାଥି-ରାଷ୍ଟ୍ରପତି

ହୋମିଓପାଥିର ବିଶ୍ୱସନୀୟତା ବୃଦ୍ଧି କରିବା ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣ ଆଧାରିତ ମୂଲ୍ୟାଙ୍କନ ଏବଂ ରୋଗୀ ସୁରକ୍ଷାକୁ ସୁଦୃଢ଼ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଡକ୍ଟର ଅଭିନ୍ନଚନ୍ଦ୍ର ହୋମିଓପାଥିକ୍ କଲେଜ ଆଣ୍ଡ୍ ହସ୍ପିଟାଲରେ ଆୟୋଜିତ ଜାତୀୟ ବୈଜ୍ଞାନିକ ହୋମିଓପାଥି ସମ୍ମିଳନୀରେ ରାଷ୍ଟ୍ରପତି କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତ ଦିଗରେ ଭାରତରଯାତ୍ରାରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ୨ଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହୋଇ ରହିବା ଉଚିତ । ହୋମିଓପାଥିର ଭବିଷ୍ୟତ, ବୈଜ୍ଞାନିକଙ୍କ ସଚ୍ଚୋଟତା ଓ କଠୋର ଗବେଷଣା ଏବଂ କ୍ଲିନିକାଲ୍ ପ୍ରମାଣ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି । ବହୁକୈନ୍ଦ୍ରିକ କ୍ଲିନିକାଲ୍ ଅଧ୍ୟୟନ, ବ୍ୟବସ୍ଥିତ ଗବେଷଣ, ସ୍ୱଚ୍ଛ ରିପୋର୍ଟିଂ ଏବଂ ଚିକିତ୍ସା ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ପାଇଁ ସେ ଆହ୍ୱାନ ଦେଇଛନ୍ତି । କୃତ୍ରିମ ବୁଦ୍ଧିମତ୍ତା-ଏଆଇ, ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତିବିଦ୍ୟା ଏବଂ ଆଧୁନିକ ଗବେଷଣାର ପରିବର୍ତ୍ତନକାରୀ ଭୂମିକା ଉପରେ ଆଲୋକପାତ କରି ସେ ହୋମିଓପାଥି ପ୍ରତିଷ୍ଠାନଗୁଡ଼ିକୁ ବୈଷୟିକ ଅଗ୍ରଗତି ଓ ସମସାମୟିକ ଶିକ୍ଷାଦାନ ପଦ୍ଧତିକୁ ଆପଣେଇବା ଲାଗି ପରାମର୍ଶ ଦେଇଛନ୍ତି।

ଭିପି-ନାଗପୁର କନ୍‌ଫରେନ୍ସ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ନାଗପୁରସ୍ଥିତ ରାଷ୍ଟ୍ରସନ୍ଥ ତୁକଡୋଜି ମହାରାଜ ନାଗପୁର ବିଶ୍ୱବିଦ୍ୟାଳୟରେ ୨ ଦିନିଆ ‘ସ୍ୱୟଂସିଦ୍ଧା ଜାତୀୟ

ସମ୍ମିଳନୀ ୨୦୨୬-ବିଜୟା :ଶିକ୍ଷା ମାଧ୍ୟମରେ ସଶକ୍ତିକରଣର ଏକ ଯାତ୍ରା'କୁ ଉଦ୍‌ଘାଟନ କରିଛନ୍ତି। ମହିଳା ସଶକ୍ତୀକରଣରେ ଶିକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇ ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା, ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବାକୁ ସେ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ତାଙ୍କ କାର୍ଯ୍ୟକାଳ ସମୟରେ ସେ "ସ୍ୱୟଂସିଦ୍ଧା" କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମହିଳାମାନଙ୍କ ଦକ୍ଷତା ବୃଦ୍ଧି, ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା, ଆତ୍ମବିଶ୍ୱାସ ବଢ଼ାଇବା ଏବଂ ନେତୃତ୍ୱ ନେବାର ଭୂମିକା ପାଇଁ ପ୍ରସ୍ତୁତ କରିବାରେ ସହାୟତା କରି ମହିଳା ସଶକ୍ତିକରଣରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସିଧାସଳଖ ସାମିଲ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପର ପରିକଳ୍ପନା କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ମହାରାଷ୍ଟ୍ର ରାଜ୍ୟପାଳ ବିଷ୍ଣୁଦେବ ବର୍ମା ଏବଂ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ମନାଲୀ କ୍ଷୀରସାଗର ପ୍ରମୁଖ ଉପସ୍ଥିତ ଥିଲେ ।

ଡୋଭାଲ୍-କଲମ୍ବୋ

ଜାତୀୟ ସୁରକ୍ଷା ପରାମର୍ଶଦାତା-ଏନ୍‌ଏସ୍‌ଏ ଅଜିତ ଡୋଭାଲ୍ ଆଜି ଭାରତ ମହାସାଗର ଉପକୂଳବର୍ତ୍ତୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଥିବା ସହଭାଗୀ ସାମୁଦ୍ରିକ ଏବଂ ସଭ୍ୟତାଗତ ସଂପର୍କ ଉପରେ ଗୁରୁତ୍ୱଆରୋପ କରିଛନ୍ତି । ମାଳଦୀପର ମାଲେଠାରେ ଅନୁଷ୍ଠିତ କଲମ୍ବୋ ସିକ୍ୟୁରିଟି କନ୍‌କ୍ଲେଭ୍‌ର ଅଷ୍ଟମ ଜାତୀୟ ସୁରକ୍ଷା ପରାମର୍ଶଦାତା ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ଡୋଭାଲ୍ କହିଛନ୍ତି, ସମୁଦ୍ର ତଟବର୍ତ୍ତୀ ରାଷ୍ଟ୍ରଗୁଡ଼ିକୁ ବିଭାଜିତ କରିବା ପରିବର୍ତ୍ତେ ଯୋଡ଼ିବାର ଏକ ମାଧ୍ୟମ ହେବା ଉଚିତ । ସାମୁଦ୍ରିକ ସୁରକ୍ଷା,

ଆଞ୍ଚଳିକ ସ୍ଥିରତା ଏବଂ ଅର୍ଥନୈତିକ ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ଏହି ଅଞ୍ଚଳର ଦେଶଗୁଡ଼ିକ ମଧ୍ୟରେ ନିରନ୍ତର ସହଯୋଗ ପାଇଁ ସେ ଆହ୍ୱାନ ଦେଇଛନ୍ତି ।

ଶ୍ରୀ ଡୋଭାଲ୍ କହିଛନ୍ତି, ଭାରତ ମହାସାଗର ଅଞ୍ଚଳର ଉପକୂଳବର୍ତ୍ତୀ ରାଷ୍ଟ୍ରଗୁଡ଼ିକ ଏକ ସମାନ ସାମୁଦ୍ରିକ କ୍ଷେତ୍ରର ଅଂଶୀଦାର ଏବଂ ଦୀର୍ଘ ଇତିହାସ ମଧ୍ୟରେ ଗଢ଼ିଉଠିଥିବା ସଭ୍ୟତାଗତ ଐତିହ୍ୟ ଦ୍ୱାରା ପରସ୍ପର ସହ ଯୋଡ଼ିହୋଇ ରହିଛନ୍ତି । ଭାରତ ମହାସାଗର ଅଞ୍ଚଳର ନିରାପତ୍ତା, ସୁରକ୍ଷା ଓ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏକ ସାମୁହିକ ଦୃଷ୍ଟିକୋଣ ଦ୍ୱାରା ପ୍ରେରିତ ହୋଇ ୨୦୨୦ ନଭେମ୍ବରରେ କଲମ୍ବୋ ସିକ୍ୟୁରିଟି କନ୍‌କ୍ଲେଭ୍ ଗଠିତ ହୋଇଥିଲା ।

ସୁପ୍ରିମକୋର୍ଟ -ଖଲିଦ ବେଲ୍

୨୦୨୦ ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ସାମାଜିକ କର୍ମୀ ସର୍ଜିଲ ଇମାମ୍ ଏବଂ ଉମର ଖାଲିଦ୍‌ଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ ସୁପ୍ରମିକୋର୍ଟ ମନା କରିଦେଇଛନ୍ତି। ୨୦୨୦ ଫେବୃୟାରୀରେ ଏହି ଦଙ୍ଗା ପଛରେ ଷଡ଼ଯନ୍ତ୍ର ଥିବା ଅଭିଯୋଗରେ ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ-UAPAରେ ମାମଲା ରୁଜୁ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟ ସେମାନଙ୍କ ଜାମିନ ଆବେଦନକୁ ଖାରଜ କରିବା ପରେ ସେମାନେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗ୍‌ଚୀ, ଭି. ମୋହନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀ ପୋଲିସ୍‌କୁ ନୋଟିସ୍ ଜାରି କରି ଏହାର ଜବାବ ମାଗିଛନ୍ତି । ଅନ୍ତରିଣ ଜାମିନ ଆବେଦନ ଉପରେ ବିଚାର

କରିବା ପୂର୍ବରୁ କୋର୍ଟ ପ୍ରଥମେ ପୋଲିସର ପକ୍ଷ ଶୁଣିବେ ବୋଲି କହିଛନ୍ତି । ଏଥିସହ ଏହି ମାମଲାର ବିଚାର ପାଇଁ ଏକ ୩ ଜଣିଆ ଖଣ୍ଡପୀଠ ଗଠନ କରାଯାଇ ପ୍ରଧାନବିଚାରପତିଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ସିଡିଏସ୍‌ସିଓ ଡ୍ରଗ୍‌ସ

କେନ୍ଦ୍ରୀୟ ଔଷଧ ପରୀକ୍ଷାଗାର ଗତମାସରେ ୩୭ଟି ଔଷଧ ନମୁନାକୁ ନିମ୍ନମାନର ଚିହ୍ନଟ କରିଥିବା ବେଳେ ରାଜ୍ୟ ଔଷଧ ପରୀକ୍ଷାଗାରଗୁଡ଼ିକ ୨୮୭ଟି ଔଷଧ ନମୁନାକୁ ଚିହ୍ନଟ କରିଛନ୍ତି। ନିୟମିତ ନିୟାମକ ତଦାରଖ ଅନୁଯାୟୀ, ମାସିକ ଭିତ୍ତିରେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ–CDSCO ପୋର୍ଟାଲରେ ନିମ୍ନମାନର ଓ ନକଲି ଔଷଧଗୁଡ଼ିକର ତାଲିକା ପ୍ରଦର୍ଶିତ ହେଉଛି । ଗୋଟିଏ କିମ୍ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଗୁଣାତ୍ମକ ମାନଦଣ୍ଡରେ ଔଷଧ ନମୁନା ବିଫଳ ହେବା ଆଧାରରେ ସେଗୁଡ଼ିକୁ ନିମ୍ନମାନର ବୋଲି ଚିହ୍ନଟ କରାଯାଇଥାଏ । ଏହି ବିଫଳତା କେବଳ ସରକାରୀ ପରୀକ୍ଷାଗାର ଦ୍ୱାରା ପରୀକ୍ଷା କରାଯାଇଥିବା ନିର୍ଦ୍ଦିଷ୍ଟ ବ୍ୟାଚ୍‌ର ଔଷଧ ପାଇଁ ପ୍ରଯୁଜ୍ୟ ।

ଏକ ବିଜ୍ଞପ୍ତିରେ CDSCO କହିଛି ଯେ ଆସାମ ରାଜ୍ୟ ଲାଇସେନ୍‌ସିଙ୍ଗ୍ ପ୍ରାଧିକରଣରୁ ସଂଗୃହୀତ ଏକ ଔଷଧ ନମୁନାକୁ ନକଲି ଔଷଧ ଭାବେ ଚିହ୍ନଟ କରାଯାଇଛି, ଯାହାକୁ ଅନ୍ୟ ଏକ କମ୍ପାନୀର ବ୍ରାଣ୍ଡ ନାମ ବ୍ୟବହାର କରି ଅନଧିକୃତ ନିର୍ମାତାମାନେ ପ୍ରସ୍ତୁତ କରିଥିଲେ । ଏହି ମାମଲାର ତଦନ୍ତ

ଚାଲିଛି ଏବଂ ଆଇନ ଓ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଥିରେ କୁହାଯାଇଛି ।

ଏସ୍‌ସି-ଦିପାଥୁନ

ତାମିଲନାଡୁର ମଦୁରାଇ ଜିଲ୍ଲାର ଦିପାଥୁନ ଶୀର୍ଷରେ ପାରମ୍ପରିକ କାର୍ତ୍ତିଗାଇ ଦୀପମ୍ ପ୍ରଜ୍ୱଳନ ପ୍ରସଙ୍ଗରେ ତାମିଲନାଡୁ ସରକାରଙ୍କ ଷ୍ଟାଟସ୍ ରିପୋର୍ଟ ଅନୁଧ୍ୟାନ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଦୀପ ପ୍ରଜ୍ୱଳନ ନେଇ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ତାମିଲନାଡୁ ସରକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ଅବମାନନା ଆବେଦନରେ ଅନୁରୋଧ କରାଯାଇଛି ।

ଜଷ୍ଟିସ୍ ଅରବିନ୍ଦ କୁମାର ଓ ଜଷ୍ଟିସ୍ ବିପୁଲ୍ ଏମ୍. ପାଞ୍ଚୋଲୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । ଗତ ୨୧ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ ତାମିଲନାଡୁ ସରକାର କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ନେଇ ଅଭିଯୋଗ ହୋଇଛି । ଥିରୁପାରାଙ୍କୁଦ୍ରମ୍ ପାହାଡ଼ ଶୀର୍ଷରେ ଥିବା ଏକ ପଥର ସ୍ତମ୍ଭ 'ଦୀପାଥୁନ୍' ଉପରେ ଗତକାଲି ପାରମ୍ପରିକ କାର୍ତ୍ତିଗାଇ ଦୀପମ୍ ପ୍ରଜ୍ୱଳନ କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା ।

ପାହାଡ଼ ଶୀର୍ଷରେ ଏହି ଦୀପ ପ୍ରଜ୍ୱଳନର ପାରମ୍ପରିକ ପ୍ରଥା, ଆଇନଶୃଙ୍ଖଳା ପରିସ୍ଥିତି ଓ ପ୍ରଚଳିତ ରୀତିନୀତିର ଦ୍ୱାହି ଦେଇ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କ ଆପତ୍ତିକୁ ନେଇ ବିବାଦ ଉପୁଜିଛି ।

ଇଣ୍ଡିଆ-ନେପାଳ ସୂର୍ଯ୍ୟକିରଣ

ଭାରତୀୟ ସେନା ଓ ନେପାଳ ସେନା ମଧ୍ୟରେ ମିଳିତ ସମରାଭ୍ୟାସ 'ସୂର୍ଯ୍ୟକିରଣ'ର ବିଂଶତମ ସଂସ୍କରଣ ଆଜି ନେପାଳର ସଲଝଣ୍ଡିସ୍ଥିତ ନେପାଳ ଆର୍ମି ବ୍ୟାଟେଲ୍ ସ୍କୁଲ୍‌ରେ ଆରମ୍ଭ ହୋଇଛି । ନେପାଳ ସେନାର ମଧ୍ୟ-ପଶ୍ଚିମାଞ୍ଚଳ ଡିଭିଜନର କମାଣ୍ଡର ମେଜର ଜେନେରାଲ୍ ପୂର୍ଣ୍ଣବାହାଦୂର ଖତ୍ରୀ ଏହି ସମରାଭ୍ୟାସକୁ ଉଦ୍‌ଘାଟନ କରିଛନ୍ତି । ଉଭୟ ଦେଶର ବାଟାଲିୟନସ୍ତରୀୟ ସୈନ୍ୟମାନଙ୍କ ଅଂଶଗ୍ରହଣରେ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୁଖ୍ୟତଃ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ ଯୁଦ୍ଧକୌଶଳ ଏବଂ ମାନବୀୟ ସହାୟତା ଉପରେ ଗୁରୁତ୍ୱ ଦିଆଯିବ । ୨୦୧୧ ମସିହାରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ସୂର୍ଯ୍ୟକରଣ ସମରାଭ୍ୟାସ ଭାରତ ଓ ନେପାଳ ମଧ୍ୟରେ ପର୍ଯ୍ୟାୟକ୍ରମେ ପ୍ରତିବର୍ଷ ଅନୁଷ୍ଠିତ ହେଉଛି ।

ଆଇଏଫ୍‌ଏଫ୍ ଆଇ

୫୭ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ- IFFI ରେ ଚଳଚ୍ଚିତ୍ରପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଛି । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ମହୋତ୍ସବକୁ ଅଧିକ ସୁଗମ ଓ ସମାବେଶୀ କରିବା ନିମନ୍ତେ ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ- NFDC 'ସ୍ୱୟଂ' ସହ ଭାଗିଦାରି କରିଛି । ସ୍ୱୟଂର ମୁଖ୍ୟ ଭୂପେନ୍ଦ୍ର ସିଂ କହିଛନ୍ତି, ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସୁଗମ୍ୟ ଭାରତ ଅଭିଯାନ' ଅଧୀନରେ ଅଧିକ ସୁଗମ ଭାରତ ଗଠନର ପରିକଳ୍ପନା ସହ ଜଡ଼ିତ ରହିଛି ।

ରାଜନାଥ-ରାମସ୍ୱାମୀ

ପରମବୀରଚକ୍ର ବିଜେତା ମିଜର ରାମାସ୍ୱାମୀ ପରମେଶ୍ୱରନ୍‌ଙ୍କ ବଳିଦାନ ଦିବସ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, 'ଅପରେସନ ପଓ୍ୱନ' ସମୟରେ ମେଜର ରାମାସ୍ୱାମୀ ପରମେଶ୍ୱରନ୍ ଅସାଧାରଣ ସାହସ ଓ କର୍ତ୍ତବ୍ୟ ପ୍ରତି ଅଟଳ ପ୍ରତିବଦ୍ଧତା ଭାରତୀୟ ସେନାର ସର୍ବୋତ୍ତମ ପରମ୍ପରାର ଏକ ଉଦାହରଣ ହୋଇ ରହିଛି । ଶ୍ରୀ ସିଂ ଆହୁରି କହିଛନ୍ତି, ମେଜର ରାମାସ୍ୱାମୀଙ୍କ ସର୍ବୋଚ୍ଚ ବଳିଦାନ, ନିସ୍ୱାର୍ଥପର ସେବା ଏବଂ ମାତୃଭୂମି ପ୍ରତି ସମର୍ପଣରୁ ସର୍ବୋଚ୍ଚ ଆଦର୍ଶକୁ ପ୍ରତିଫଳନ କରେ ।

ଅଷ୍ଟ୍ରେଲିଆ-ଏମର୍ଜେନ୍ସୀ

ଅଷ୍ଟ୍ରେଲିଆର ଦକ୍ଷିଣ ଓ ପୂର୍ବ ଉପକୂଳରେ ଥିବା ଫ୍ଲିଣ୍ଡର୍ସ ଦୀପରେ ଜଙ୍ଗଲ ନିଆଁ ଲାଗିବାରୁ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ସରକାରଙ୍କ ପକ୍ଷରୁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଅନିୟନ୍ତ୍ରିତ ନିଆଁ ଲୋକଙ୍କ ଜୀବନ ଓ ଘରଦ୍ୱାର ପ୍ରତି ବିପଦ ସୃଷ୍ଟି କରୁଥିବାରୁ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ତାସ୍‌ମାନିଆର ଅଗ୍ନିଶମ ସେବା ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଏକ ପ୍ରାକୃତିକ ସଂରକ୍ଷଣ ଅଞ୍ଚଳରେ ବଜ୍ରପାତ ଯୋଗୁଁ ଲାଗିଥିବା ଏହି ନିଆଁରେ ପ୍ରାୟ ୩ ହଜାର ହେକ୍ଟର ଅଞ୍ଚଳ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ଖବର ମିଳିଛି ।